## ମା' ଲକ୍ଷ୍ମୀଙ୍କୁ ଆରାଧନା



ଶଙ୍କରାଖୋଲ



ଦାରିଙ୍ଗବାଡ଼ି: ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି ।



କୁକୁଡ଼ାଖଣ୍ଡି



ବାଲିଗୁଡ଼ା ।



ଟିକିଟି



କନିଷି: ମା' ଲକ୍ଷ୍ମୀଙ୍କ ପୂଜା ।

## ସଂକ୍ଷେପରେ

### ଡାକ ଯୋଗେ ଶିକ୍ଷକଙ୍କ ଇସ୍ତଫା ପତ୍ର ପ୍ରଦାନ

**ହାତୀଓଟ,୧୪।୧୦:** ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରତି ଜିଲାର ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଗଞ୍ଜାମ ଜିଲାର ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପାଖକୁ କେତେ ଜଣ ଶିକ୍ଷକଙ୍କର ଇସ୍ତଫା ପତ୍ର ପହଞ୍ଚିବାରେ ଲାଗିଲାଣି। ତାହା ମଧରୁ ପୋଲସରା ବ୍ଲକରେ ମଧ ଶିକ୍ଷକ ରମେଶ ଚନ୍ଦ୍ର ଶବରଙ୍କ ଇସ୍ତଫା ପତ୍ର ଡାକ ଯୋଗେ ଅଫିସ୍‌ରେ ଆସି ପହଞ୍ଚିଛି। ସେ ୨୦୦୫ ମାର୍ଚ୍ଚ ୧୦ତାରିଖରେ ମାଳ ମହୁଲପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ କଂଟ୍ରାକ୍ଟୁଆଲ୍ ଶିକ୍ଷକ ଭାବେ ପ୍ରଥମେ ନିଯୁକ୍ତି ପାଇବା ସହ ୨୦୧୧ ମେ ୨ତାରିଖରେ ସ୍ଥାୟୀ ଶିକ୍ଷକତା ଲାଭ କରିଥିଲେ । କିନ୍ତୁ ରମେଶ ତାଙ୍କର ଇସ୍ତଫା ପତ୍ରରେ ଦେହ ଖରାପ ଥିବା ଦର୍ଶାଇଛନ୍ତି ବୋଲି ବିଇଓ ତ୍ରିଲୋଚନ ତ୍ରିପାଠୀ କହିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ପାଖକୁ ପଠାଇଦେଇଛନ୍ତି। ପ୍ରକାଶ ଯେ, କୌଣସି ଶିକ୍ଷକଙ୍କ ଦେହ ଖରାପ ଥିଲେ କିଛିଦିନ ପାଇଁ ଛୁଟି ନେବା ବଦଳରେ କାହିଁକି ଜଣେ ଶିକ୍ଷକ ଚାକିରିରୁ ଇସ୍ତଫା ଦେବାକୁ ସ୍ଥିର କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇସ୍ତଫା ପତ୍ର ଡାକ ଯୋଗେ ପାଇଥିବାରୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଏହାକୁ ସରକାରୀ ଭାବେ ଗ୍ରହଣ କରି ନ ଥିବା କହିଛନ୍ତି।

### ବାରିକୁମ୍ଭାରେ ଚାରାରୋପଣ

**ଖଜୁରିପଡ଼ା,୧୪।୧୦(ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତର ବାରିକୁମ୍ଭାଠାରେ ମା' ବ୍ୟାଘ୍ରଦେବୀ ଯୁବକଲା ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକଲା ପରିଷଦର ସଦସ୍ୟା ସଦସ୍ୟମାନେ ବାରିକୁମ୍ଭା ଉପ ସ୍ୱାସ୍ଥ୍ୟକେନ୍ଦ୍ର, ବିଶ୍ରାମାଗାର, ଛକ ବଜାର ଆଦି ସଫେଇ କରିବା ସହ ଚାରାରୋପଣ କରିଥିଲେ। ପରେ ପ୍ଲାଷ୍ଟିକ ବର୍ଜନ କରିବା ନିମନ୍ତେ ରାଲି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଦିବାନ ପଣ୍ଡା, ଆଲୋକ ପଣ୍ଡା, ରାଜକିଶୋର ବେହେରା, ଦିନବନ୍ଧୁ ପଣ୍ଡା, ଦୀପକ ବେହେରା, ଲତାରାଣୀ ପଣ୍ଡା ଓ ଲକ୍ଷ୍ମୀ ଠାକୁରାଣୀ, ମା' ବରାଳ ଦେବୀ, ଓଁ ସାଇ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟମାନେ ସାମିଲ ହୋଇଥିଲେ।

# ଗୋପାଳପୁର ବନ୍ଦରରେ ଲାଗିଲା ପ୍ରଥମ ବୃହତ୍ ଜାହାଜ

**ବ୍ରହ୍ମପୁର ଅଫିସ୍/ଛତ୍ରପୁର ୧୪।୧୦ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ବନ୍ଦରରେ ପ୍ରଥମଥର ଲାଗି ଏକ ବୃହତ ମାଲ୍‌ବାହୀ ଜାହାଜ ଲାଗିଛି । ଏଥିରେ ୧ ଲକ୍ଷ ୫ହଜାର ଟନ୍ ଚୂନ ପଥର ରହିଛି । ଏତେ ଓଜନର ମାଲ୍ ପରିବହନ କରୁଥିବା ଜାହାଜ ଲାଗିବା ବିଷୟରେ ଗୋପାଳପୁର ବନ୍ଦର ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍(ଜେଏସ୍‌ପିଏଲ୍) ପକ୍ଷରୁ ଏହି ଚୂନ ପଥର ମଧ୍ୟ-ପୂର୍ବରୁ ଆମଦାନୀ କରାଯାଇଛି । ଷ୍ଟିଲ୍ ଉତ୍ପାଦନରେ ଏହି ଚୂନ ପଥର ବ୍ୟବହୃତ ହେବ । ଏସାର୍ ଶିପିଂର ଏହି ଜାହାଜ ଶନିବାର ଗୋପାଳପୁର ବନ୍ଦରରେ ପହଞ୍ଚିଥିଲା। ୧ ଲକ୍ଷ ୫ହଜାର ଟନ୍ ପରିମାଣର ପରିବହନ କରୁଥିବା ବୃହତ୍ ଜାହାଜ ଗୋପାଳପୁର ବନ୍ଦରରେ ଲାଗିବା ଆମ ପାଇଁ ଏକ ଗର୍ବର ବିଷୟ ବୋଲି ସାପୋର୍ଜି ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅମିତ ସାବୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଗୋପାଳପୁର ବନ୍ଦରକୁ ସାପୋର୍ଜି ପାଲୋଞ୍ଜି ଗ୍ରୁପ୍ ଅଧିକୃତ କରିବା ପରଠୁ ବନ୍ଦର ବିକାଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଡ୍ରେଜିଂ(ଖନନ) ଦ୍ୱାରା ବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଫଳରେ ଏହା ଅଧିକ ଗଭୀର ହୋଇପାରିଛି। ଆଗାମୀ ଦିନରେ ମଧ୍ୟ ବୃହତ ଜାହାଜ ଏହି ବନ୍ଦରରେ ସହଜରେ ଲାଗି ପାରିବ । ତେବେ ଡ୍ରେଜିଂ ଶେଷ ହେବା ପରେ ବନ୍ଦର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି । ଏହାର କ୍ଷମତା ବଢ଼ିଛି । ବୃହତ୍ ଜାହାଜ ବନ୍ଦରରେ ଲାଗିବା ଫଳରେ ବନ୍ଦରର ଗ୍ରାହକମାନେ ଅଧିକ ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ କରାଯାଉଛି ।

# ବିଷ ପିଇ ବୃଦ୍ଧ ମୃତ

**ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ବି.ତୁରୁବୁଡି ଗ୍ରାମରେ ସୋମବାର ସକାଳ ପ୍ରାୟ ୮ ଟାରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାମନ୍ତ। ପୂର୍ଣ୍ଣଚନ୍ଦ୍ର ଦୀର୍ଘ ଦିନ ହେଲା ଚାଷ ଜମି ମାଲିକାନା ସ୍ୱତ୍ତ୍ୱକୁ କେନ୍ଦ୍ରକରି ଚିନ୍ତିତ ରହୁଥିଲେ। ସକାଳେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଏ ନେଇ ନଂ. ୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆକ୍ରମଣ, ମହିଳାଙ୍କୁ ଅସଦାଚରଣ ମାମଲା

# ୫ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.)**

ଆକ୍ରମଣ, ମହିଳାଙ୍କୁ ଅସଦାଚରଣ ମାମଲାରେ ସ୍ଥାନୀୟ ପୋଲିସ ସୋମବାର ୫ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ବାବୁଲା ଓରଫ ସୀମାଞ୍ଚଳ ପ୍ରଧାନ, ତାଙ୍କ ପୁଅ ସୁମନଙ୍କ ସମେତ ବାବୁ ଓରଫ କୃଷ୍ଣ ପ୍ରଧାନ, ପାଣ୍ଡା ଓରଫ କାହ୍ନୁ ଚରଣ ପ୍ରଧାନ ଓ ଅପର ଗୋଷ୍ଠୀର ନିରାକାର ପ୍ରଧାନ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଳମ୍ବିତ ସନ୍ଧ୍ୟାରେ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଦିଗପହଣ୍ଡି ବ୍ଲକ ବମକେଇ ଗାଁରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ରାଜନୈତିକ ହିଂସା ଲାଗି ରହିଛି। ରବିବାର ସକାଳ ପ୍ରାୟ ୮ଟାରେ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ ନିରାକାର ପ୍ରଧାନଙ୍କୁ ବିପକ୍ଷ ଗୋଷ୍ଠୀର କିଛି ସମର୍ଥକ ଲୁହାଛଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ନିରାକାରଙ୍କ ପ୍ରତି ଆକ୍ରମଣରେ ସୁମନ ପ୍ରଧାନ ଆହତ ହୋଇଥିଲେ। ପୁଅକୁ ଉଦ୍ଧାର କରିବାକୁ ଯାଇଥିବା ସୁମନଙ୍କ ମା'ଙ୍କୁ ନିରାକାର ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। କେ.ନୂଆଗାଁ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଏତଲା ଦିଆଯାଇଥିଲା। ଆଇଆଇସି ମାଧବାନନ୍ଦ ନାୟକ ଉଭୟପକ୍ଷଙ୍କ ଏତଲାକୁ ଭିତ୍ତି କରି ନଂ. ୨୦୦/୧୯ ଓ ୨୦୧/୧୯ରେ ପୃଥକ୍ ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ପିଡିଙ୍କ ପୋଲସରା ବ୍ଲକ ଗସ୍ତ

**ହାତୀଓଟ,୧୪।୧୦**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ପୋଲସରା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ସେ ଉଭୟ ପୋଲସରା ଓ ବୁଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀ ଓ ଶ୍ରମିକମାନଙ୍କୁ ନେଇ ଏକ ବୈଠକ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆର୍‌ଇଜିଏସ)ରେ ଚାରାରୋପଣ, ଚାଷ ଜମିରେ କୂଅ, ଗୁହାଳ, ପାହାଡ଼ ପାଣିକୁ ଅଟକାଇ କିଭଳି କାର୍ଯ୍ୟରେ ଲଗାଯିବ ତାହା ବୁଝାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ ଓ ବୁଗୁଡା ବିଡିଓ ତନ୍ମୟ ପାତ୍ର ଓ ବୁଗୁଡା ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡା, ଦୁଇ ବ୍ଲକର କନିଷ୍ଠ ଯନ୍ତ୍ରୀ, କେତେଜଣ ଜିଆରଏସ୍ ଓ ବ୍ଲକ ପିଇଓ ପ୍ରମୁଖ ଉପସ୍ଥିତ ଥିଲେ । ପୋଲସରା ବ୍ଲକ ସହକାରୀ ଯନ୍ତ୍ରୀ ବୈଠକରେ ଅନୁପସ୍ଥିତ ଥିଲେ।

# ବାଇକ୍ ଡିକିରୁ ୨ ଲକ୍ଷ ଟଙ୍କା ଲୁଟ, ୨ ଅଟକ

**ଦିଗପହଣ୍ଡି,୧୪।୧୦(ଡି.ଏନ୍.ଏ.)**

ଦିଗପହଣ୍ଡି ମୁଖ୍ୟ ରାସ୍ତାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧ ଟାରେ ବାଇକ୍ ଡିକିରୁ କୌଣସି ଦୁର୍ବୃତ୍ତ ଜଣେ ଚାଷୀଙ୍କ ୨ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଚାଷୀ ଜଣକ ହେଲେ କୈଠଡା ପଞ୍ଚାୟତ ଗୁହାଳପୁର ଗ୍ରାମର ସତ୍ୟ ନାରାୟଣ ଅଧିକାରୀ। ନଂ. ୨୦୭/୧୯ ଦଫା ୩୭୯ରେ ମାମଲା ରୁଜୁ କରି ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ୨ ଜଣ ଯୁବକଙ୍କୁ ଅଟକ ରଖିଛନ୍ତି।

ସତ୍ୟନାରାୟଣଙ୍କ କହିବା ପ୍ରକାରେ, ସେ ଧାନ ବିକ୍ରି କରି ପାଇଥିବା ୨ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରିବାକୁ ଦିଗପହଣ୍ଡି ଆନ୍ଧ୍ର ବ୍ୟାଙ୍କକୁ ଆସିଥିଲେ। ପାନ କାର୍ଡ ନ ଥିବାରୁ ଶାଖା ପରିଚାଳକ ମନା କରିଦେଇଥିଲେ। ତେଣୁ ସେ ଟଙ୍କା ଆଣି ବାଇକ ଡିକିରେ ରଖି ଷ୍ଟେଟ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଡିକି ଖୋଲା ଥିବା ଏବଂ ସେଥିରେ ଟଙ୍କା ନ ଥିବା ଦେଖିଥିଲେ। ପରେ ଥାନାରେ ପହଞ୍ଚି ଏତଲା ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଚେତନତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

**ଶେରଗଡ଼,୧୪।୧୦(ଡି.ଏନ.ଏ.)**

ଶେରଗଡ଼ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ) ପକ୍ଷରୁ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି ଲକ୍ଷ୍ୟ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରଞ୍ଜନ କୁମାର ସାହୁ ସଂଯୋଜନା କରିଥିଲେ। କର୍ମଶାଳାରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହୀନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ୧୫ ତାରିଖରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଥିଲା। ଶେରଗଡ଼ ବ୍ଲକର ୨୨ ପଞ୍ଚାୟତରେ ଚଳିତବର୍ଷ ୧୦ ଲକ୍ଷ ୪୦ହଜାର କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ କୁହାଯାଇଥିଲା। ସେହିପରି ଆସିକା ଓ ହିଞ୍ଜିଳି ବ୍ଲକ ସହ ସମସ୍ତ ପଞ୍ଚାୟତରେ ଯେପରି ଅଧିକ କାର୍ଯ୍ୟଦିବସ ସୃଷ୍ଟି ହେବ ସେଥିପ୍ରତି ଦୁଇ ବ୍ଲକର ଅଧିକାରୀମାନେ ଚେଷ୍ଟା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରମିକମାନଙ୍କ ସହ ସୁବିଧା ଅସୁବିଧା ବୁଝିବା, ପ୍ରକଳ୍ପ ଗୁଡିକର ସ୍ୱଚ୍ଛତା ତଦାରଖ କରିବା, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ପ୍ରତିଦିନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା।

### ଆକ୍ରମଣ-ପ୍ରତି ଆକ୍ରମଣ ମାମଲା

# ବାପ, ପୁଅ ସମେତ ୪ ଜେଲ୍ ଗଲେ

**ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମରେ ଗୁରୁବାର ରାତିରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ-ପ୍ରତିଆକ୍ରମଣ ହୋଇଥିଲା। ଏହି ଘଟଣାରେ କେ. ନୂଆଗାଁ ପୋଲିସ ମାମଲା ନଂ. ୧୯୪/୧୯ ଓ ୧୯୫/୧୯ ଅନୁଯାୟୀ ସୋମବାର ୪ ଅଭିଯୁକ୍ତ ବାପପୁଅଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୀମାଞ୍ଚଳ ପ୍ରଧାନ, ତାଙ୍କ ପୁଅ ସୁମନ ଓ ତାଙ୍କ ପକ୍ଷର ହୃଷୀକେଶ ପ୍ରଧାନ ଏବଂ ଅନ୍ୟ ପକ୍ଷର ନିରାକାର ପ୍ରଧାନ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗ୍ରାମରେ ଦୁର୍ଗା ମେଢ ଭସାଣି ଚାଲିଥିବା ବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ପୂର୍ବରୁ ଜଣେ ଅଭିଯୁକ୍ତ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରିଥିଲା।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ଛାନିଆ

**ବ୍ରହ୍ମପୁର ଅଫିସ୍,୧୪।୧୦**

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କାର୍ତ୍ତିକେୟନ୍ ପାଣ୍ଡିଆନ୍ ଅନ୍ୟ ସଚିବଙ୍କ ସହ ଗୋଟିଏ ପରେ ଗୋଟିଏ ଜିଲା ଗସ୍ତ କରୁଛନ୍ତି । ବିଶେଷକରି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ତାଙ୍କ ଗସ୍ତର ଫୋକସ୍‌ରେ ରହୁଛି । ଏହା ଭିତରେ ସେ କେତେକ ଜିଲା ଗସ୍ତ କରିସାରିଲେଣି। ଏପରିକି ସୁନ୍ଦରଗଡ଼ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗରେ ଖୋଲତାଡ଼ ଜୋର୍ ଧରିଥିବା ବେଳେ ସୋମବାର ୫-ଟି ସଚିବ ପାଣ୍ଡିଆନ୍ ଗଞ୍ଜାମ ଗସ୍ତରେ ଆସୁଥିବା ଚର୍ଚ୍ଚା ଜୋର୍ ଧରିଥିଲା। ବ୍ରହ୍ମପୁର ସିଟି ହସ୍‌ପିଟାଲ୍ କିମ୍ବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସେ ପରିଦର୍ଶନରେ ଯାଇପାରନ୍ତି ବୋଲି ଗୁଜବ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଉଭୟ ଚିକିତ୍ସାଳୟରେ କର୍ତ୍ତୃପକ୍ଷ ତତ୍ପର ହୋଇ ପଡ଼ିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ ଏହି ଗୁଜବ ସିଟି ହସ୍‌ପିଟାଲ୍‌ରେ ପହଞ୍ଚିଥିଲା। ୫-ଟି ସଚିବଙ୍କ ଗସ୍ତକୁ ନେଇ ସମସ୍ତେ ସକ୍ରିୟ ହୋଇପଡ଼ିଥିଲେ। ସୁରକ୍ଷା କର୍ମୀମାନେ ସଜାଗ ରହିଥିଲେ। ପାର୍କିଂ ସ୍ଥଳ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଦୁଇ ଚକିଆ ଯାନ ନ ରଖିବାକୁ ତାଗିଦ୍ କରୁଥିଲେ। ଏପରିକି ସାମାନ୍ୟ ଭିଡ଼ ଦେଖାଦେଲେ, ତୁରନ୍ତ ଲୋକଙ୍କୁ ଘଉଡ଼ାଉଥିଲେ। ସେହିଭଳି ସିଟି ହସ୍‌ପିଟାଲ୍ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଏବଂ ଅଧିକାରୀମାନେ ମଧ୍ୟ ସଜାଗ ହୋଇଥିଲେ। ଫୁଲ ତୋଡ଼ା ମଧ୍ୟ କିଣି ରଖାଯାଇଥିଲା। ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥିଲେ। ହେଲେ ୫-ଟି ସଚିବଙ୍କ ଦେଖା ନ ଥିଲା । ଏଣୁ କେତେକ ଅଧିକାରୀ ଏ ସମ୍ପର୍କରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ସଚିବଙ୍କ ଗସ୍ତର କୌଣସି ସମ୍ଭାବନା ନ ଥିବା ପୋଲିସ କହିବା ପରେ ସମସ୍ତେ ଶାନ୍ତିରେ ନିଃଶ୍ୱାସ ନେଇଥିଲେ।

## ସଂକ୍ଷେପରେ

### ବଳାତ୍କାର ମାମଲା, ଅଭିଯୁକ୍ତ ଅଟକ

**ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଜଣେ ବିଧବାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକ୍ରମେ କେ.ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ଅଭିଯୋଗର ତଦନ୍ତକାରୀ ମାମଲା ନଂ. ୨୦୨/୧୯ ଦଫା ୩୭୬/୩୨୩/୪୫୦/୫୦୬ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ଅଭିଯୁକ୍ତ ଓ ପୀଡ଼ିତା ଉଭୟଙ୍କୁ ସୋମବାର ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ସରଜମିନ ତଦନ୍ତ ଚଳାଇଛି। ଗତ ଶୁକ୍ରବାର ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବା ସହ ମାଡ଼ମାରି କେତେକ ଜରୁରୀ କାଗଜପତ୍ର, ବିପିଏଲ ଓ ଆଧାର କାର୍ଡ ଛଡ଼ାଇ ନେଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ରୀତାଞ୍ଜଳି ନାୟକ କହିଛନ୍ତି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ ଜଣାଇଛନ୍ତି।

### ତୈଳିକ ବୈଶ୍ୟ ସମାଜ ବୈଠକ

**ବ୍ରହ୍ମପୁର ଅଫିସ,୧୪।୧୦:** ମହୁରୀ ମଣ୍ଡଳ ହଳଦିଆ ତୈଳିକ ବୈଶ୍ୟ ସମାଜର ଏକ ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତି କୀର୍ତ୍ତନ ସାହୁ ସଭାପତିତ୍ୱ କରିଥିଲେ। ସମାଜ ତରଫରୁ ଆସନ୍ତା ୨୦ରେ ହେବାକୁ ଥିବା ମେଗା ରକ୍ତଦାନ ଶିବିରର ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ଉପସଭାପତି ପର୍ଶୁରାମ ସାହୁ, ସମ୍ପାଦକ ଗୋପୀନାଥ ସାହୁ, ନାରାୟଣ ସାହୁ, ବସନ୍ତ କୁମାର ସାହୁ, ରବୀନ୍ଦ୍ର କୁମାର ପ୍ରଧାନ, ଉମ୍ବରୁଧର ସାହୁ ଓ ବିଜୟ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଚାମ୍ପିୟନ୍ ଗଞ୍ଜାମ ଦଳକୁ ସମ୍ବର୍ଦ୍ଧନା



ସଂଘ ପଦାଧିକାରୀଙ୍କ ଗହଣରେ ଚାମ୍ପିୟନ୍ ଗଞ୍ଜାମ ଦଳର ଖେଳାଳିମାନେ ।

**ବ୍ରହ୍ମପୁର ଅଫିସ୍,୧୪।୧୦**

ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ତରଫରୁ କଟକ ବିଡ଼ାନାସୀରେ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ସବ୍‌ଜୁନିୟର୍ ଚାମ୍ପିୟନ୍‌ଶିପ୍ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଦଳ ଚାମ୍ପିୟନ୍ ହୋଇଛି। ପ୍ରଥମେ ପୁଲ୍ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁରକୁ ପରାସ୍ତ କରି ଗଞ୍ଜାମ ଟପ୍ କରିଥିଲା। ପରେ ଫାଇନାଲ୍‌ରେ କଟକକୁ ୮-୪ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା ଗଞ୍ଜାମ ଦଳ। ଦଳରେ ରୁଦ୍ର, ଯୁଧିଷ୍ଠିର, ରାମାଶିଶ୍, ଜିତେଶ୍, ଅଙ୍କିତ୍, ଚନ୍ଦନ, ଓମ୍, ଅନିକେଶ୍, ଆଦିତ୍ୟ, ଜୟ, ପି.ନିରଞ୍ଜନ, ଦିବ୍ୟାଂଶୁ ଏବଂ ରାମ ପ୍ରମୁଖ ସାମିଲ୍ ଥିଲେ। ସୋମବାର ଖେଳାଳିଙ୍କୁ ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଖଲ୍ଲିକୋଟ କଲେଜ ପଡ଼ିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଂଘ ସଭାପତି ଅଶୋକ ଶୁକ୍ଳା, ସମ୍ପାଦକ ସୁରେଶ ପାଢୀଙ୍କ ସମେତ ପ୍ରକାଶ ପଣ୍ଡା, ମନୋଜ ପାତ୍ର, ଗଣେଶ ହୋତା ଏବଂ ଏ.ତେଜସ୍ୱୀ ଓ କୋଚ୍ ପ୍ରଶାନ୍ତ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଆୟୋଜିତ ସମର୍‌କ୍ୟାମ୍ପରେ ଏହି ଖେଳାଳିମାନେ କଠିନ ପରିଶ୍ରମ କରିଥିଲେ। କୋଚ୍ ପ୍ରଶାନ୍ତ କୁମାର ରଥ ଏମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଖେଳାଳିଙ୍କ ସଫଳତାକୁ ନେଇ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

## ୪୨୦ ଅଭିଯୋଗ ଶୁଣିଲେ ଜିଲାପାଳ

**ପାଟପୁର,୧୪।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ୪୨୦ ଅଭିଯୋଗ ଶୁଣିଛନ୍ତି। ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଉପର ମହଲା ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ପହଞ୍ଚିବା ପରେ ଅଭିଯୋଗ ଶୁଣାଣିକୁ ଆସିଥିବା ଦିବ୍ୟାଙ୍ଗମାନେ ଉପରକୁ ଯିବାରେ ସମସ୍ୟା ହେବା ଅନୁଭବ କରି ବିଡିଓଙ୍କ ପ୍ରକୋଷ୍ଠରେ ଅଭିଯୋଗ ଶୁଣି ଥିଲେ । ବିଡିଓ ଗାୟତ୍ରୀ ଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଏସ୍‌ପି ବ୍ରିଜେଶ ରାଏ, ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତପନ ମଲିକ, ବ୍ଲକ ସହକାରୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ ଯୋଗ ଦେଇଥିଲେ । ୪୨୦ ଅଭିଯୋଗ ଆସିଥିବା ବେଳେ ୧୪ ଅଭିଯୋଗକାରୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧,୩୫,୦୦୦ ଟଙ୍କା ପ୍ରଦାନ କରାଯାଇଛି।

## ନୂପୁର ପକ୍ଷରୁ କୁମାର ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୧୪।୧୦**

ସାଂସ୍କୃତିକ ଅନୁଷ୍ଠାନ ନୂପୁର ପକ୍ଷରୁ କୁମାର ଉତ୍ସବ ବ୍ରହ୍ମପୁର ଗେଟ ବଜାର ଏନ୍‌ଜିଓ ହଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଶମ ସହର ପୁସ୍ତକ ମେଳା ତଥା ସଙ୍ଗତି ସଂଗଠନର ସଭାପତି ଗୋପାଳକୃଷ୍ଣ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନ୍‌ଜିଓ ହଲ ସଭାପତି ସମୀର କୁମାର ସାବତ ଯୋଗଦେଇଥିଲେ। ସମ୍ପାଦକ ସତ୍ୟ ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପଦେଷ୍ଟା କିରଣ ବାଳା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଡାକୁଆ, ସୁଦୀପ କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ସାଂସ୍କୃତିକ ନୃତ୍ୟ ପରିବେଶଣ କରିଥିଲେ। ସାମାଜିକକର୍ମୀ ଚକାଡୋଳା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୫୦ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୪।୧୦**

ଗଞ୍ଜାମ ଜିଲାରେ ସାଧାରଣତଃ କୁମାର ପୂର୍ଣ୍ଣିମାରେ ଜୁଆ ବା ତାସ ଖେଳ ହୋଇଥାଏ। ବ୍ରହ୍ମପୁର ପୋଲିସ ଜିଲାର ୫ ଥାନା ପକ୍ଷରୁ ବିଭିନ୍ନ ଜୁଆ ଅଡ୍ଡାରେ ଚଢାଉ କରାଯାଇ ରବିବାର ରାତିରେ ପୋଲିସ ୫୦ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୨,୧୦,୯୬୦ ଟଙ୍କା, ୨୬ ମୋବାଇଲ ଫୋନ ଓ ୪ ବାଇକ୍ ଜବତ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ବଡବଜାର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୧୧ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫୬,୨୦୦ ଟଙ୍କା ଓ ୬ ଗୋଟି ମୋବାଇଲ ଫୋନ ଜବତ କରିଛି। ସେହିପରି ଗୋଷାଣୀନୂଆଗାଁ ପୋଲିସ ୨ ଜୁଆ ଆଡ୍ଡାରେ ଚଢାଉ କରି ୨୪ ଜୁଆଡ଼ିଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ୧,୧୨,୨୦୦ ଟଙ୍କା ୨୦ ମୋବାଇଲ ଫୋନ ଓ ୪ ବାଇକ୍ ଜବତ କରିଥିଲା। ସେହିପରି ବୈଦ୍ୟନାଥପୁର ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୧,୧୭୦ ଟଙ୍କା ଜବତ କରିଥିଲା। ଗୋଳନ୍ଥରା ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢାଉ କରି ୩ ଜୁଆଡ଼ିଙ୍କୁ ଧରିବା ସହ ୧୬,୪୦୦ ଟଙ୍କା ଜବତ କରିଥିଲା। ଗୋପାଳପୁର ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢାଉ କରି ୨ ଜୁଆଡ଼ିଙ୍କୁ ଧରିବା ସହ ୪,୯୯୦ ଟଙ୍କା ଜବତ କରିଥିଲା। ଗିରଫ ହୋଇଥିବା ସମସ୍ତ ୫୦ ଜୁଆଡ଼ିଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି।

## ୧୫ତମ ଶିବିରରେ ୧୨ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୪।୧୦**

ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ନେଚର୍ସ ଲଭର ଓଡିଶା, ମାରୱାଡି ମହିଳା ସମିତି ଏବଂ ବର୍କିଂ ଓଡ଼ିଶା ମିଳିତ ସହଯୋଗରେ ପଞ୍ଚଦଶ ତମ ରକ୍ତଦାନ ଶିବିର ବ୍ରହ୍ମପୁର ରକ୍ତ ଭଣ୍ଡାର ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ପ୍ରଥମ ଥର ୫ ଜଣ ରକ୍ତ ଦାନ କରିଥିଲେ। ମୋଟ ୧୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସାମାଜିକ କର୍ମୀ ମନୋଜ ମହାରଣାଙ୍କ ୨୫ତମ ଜନ୍ମ ଦିନ ଅବସରରେ ସେ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ନୂତନ ରକ୍ତଦାତା ସୃଷ୍ଟି କରିବା ଏବଂ ରକ୍ତଦାତାମାନେ କେନ୍ଦ୍ରକୁ ଆସି ରକ୍ତ ଦାନ କରିବେ। ସବୁଜ ବାହିନୀର 'ଆସନ୍ତୁ ଗଢିବା ରକ୍ତ ସମ୍ପର୍କ' ଅଭିଯାନର ସହ ସଂଯୋଜକ ସୂର୍ଯ୍ୟ ନାରାୟଣ ଦାସ ଓ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ ସଂଯୋଜନାରେ ରକ୍ତ ଭଣ୍ଡାରର ଡା.ରଶ୍ମିତା ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସବୁଜ ବାହିନୀ କୋଷାଧ୍ୟକ୍ଷ ଦୀପକ ପାତ୍ର, ଉପ ସଭାପତି ଏ.ପ୍ରକାଶ, ବନମାଳୀ ପ୍ରଧାନ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ନେଚର୍ସ ଲଭର୍ ଓଡିଶାର ଆବାହକ ଶ୍ରୀନିବାସ ରାଜନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଭଣ୍ଡାର ତରଫରୁ ଡା.ପ୍ରସନ୍ନ ରଥ, ଡା.ରଶ୍ମିତା ପାଣିଗ୍ରାହୀ ଓ ସସ୍ମିତା ବେହେରା ବ୍ରହ୍ମପୁର ସବୁଜ ବାହିନୀକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ବର୍ତ୍ତମାନ ସୁଦ୍ଧା ସମସ୍ତ ୧୫ ଶିବିରରେ ସମୁଦାୟ ୨୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

## ଦାଦାବଟିକୁ କେନ୍ଦ୍ରକରି ଯୁବକଙ୍କୁ ଖଣ୍ଡା ଚୋଟ

**ବ୍ରହ୍ମପୁର ଅଫିସ,୧୪।୧୦**

ଦାଦାବଟି ମାଗିବା ସହ ଜଣେ ଯୁବକଙ୍କୁ ରବିବାର ରାତିରେ ଝରଣାନଗରରେ ୨ ଅଭିଯୁକ୍ତ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆହତ ଯୁବକ ହେଲେ ରାଧାକାନ୍ତ ସାହିର ତୁଫାନ ଗୌଡ଼ ଓରଫ କାମିନୀ (୨୨)। ଅଭିଯୋଗ ପରେ ବଡବଜାର ପୋଲିସ ନଂ. ୧୭୪/୧୯ରେ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଚଳାଇଛି। ଆହତ ତୁଫାନ ମଧ୍ୟ ଏକ ଅପରାଧୀ ଗ୍ୟାଙ୍ଗର ସଦସ୍ୟ ଅଟନ୍ତି। ତାଙ୍କ ନାମରେ ଏକାଧିକ ମାମଲା ଥିବା ପୋଲିସ କହିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି କାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ତୁଫାନ ରବିବାର ରାତି ପ୍ରାୟ ୮ଟାରେ ତାଙ୍କ ପିଉସୀ ରହୁଥିବା ଝରଣାନଗରକୁ ଯାଉଥିଲେ। ସେଠାରେ ତାଙ୍କୁ ଶିଶିର ଦାସ ଓ ତାଙ୍କ ସହଯୋଗୀ ଅଜୁ ସାହୁ ପ୍ରଥମେ ଅଟକାଇ ଦାଦାବଟି ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ଏକ ଖଣ୍ଡାରେ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ ବୋଲି ତୁଫାନ ଥାନାରେ ଏତଲା ଦେଇଥିବା ପୋଲିସ କହିଛି। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ବୃନ୍ଦାବନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ବ୍ରହ୍ମପୁର ଅଫିସ,୧୪।୧୦**



ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମୂହ ପ୍ରାର୍ଥନା।

ଗଞ୍ଜାମ ଜିଲାର ଲୋକପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ସୋମବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ପକ୍ଷରୁ ପୂର୍ବାହ୍ନରେ ନୀଳକଣ୍ଠେଶ୍ୱର ଶ୍ମଶାନରେ ଥିବା ସମାଧୀ ପୀଠରେ ମାଲ୍ୟାର୍ପଣ ଏବଂ ତିଳତର୍ପଣ କରାଯାଇଥିଲା। କମାପଲ୍ଲୀ ଛକରେ ସ୍ଥାପିତ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୂହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ସ୍ମୃତି କମିଟି କର୍ମକର୍ତ୍ତା ଭଗବାନ ଗନ୍ତାୟତ, ଜାମୁଲା ଶଙ୍କର ନାରାୟଣଙ୍କ ସମେତ ଦଳମତ ନିର୍ବିଶେଷରେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ । ମଧ୍ୟାହ୍ନରେ ସ୍ଥାନୀୟ ଗୀତା ଭବନରେ ଆୟୋଜିତ ସ୍ମୃତିଚାରଣ ସଭାରେ ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେଠାରେ ରାମଧୂନ ପରିବେଶଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅପରପକ୍ଷରେ ସ୍ୱର୍ଗତ ନାୟକଙ୍କ ହିଲପାଟଣା ବାସଭବନରେ ପୃଥକ୍ କାର୍ଯ୍ୟକ୍ରମ ହୋଇଥିଲା। ପୁତ୍ର ତଥା ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ ଏହାକୁ ସଂଯୋଜନା କରିଥିଲେ । ବାସଭବନଠାରୁ ଏକ ଶୋଭାଯାତ୍ରା ବାହାରି କମାପଲ୍ଲୀଛକସ୍ଥ ପ୍ରତିମୂର୍ତ୍ତି ସ୍ଥଳକୁ ଯାଇ ମାଲ୍ୟାର୍ପଣ ସହ ସଦ୍‌ଗତି କାମନା କରାଯାଇଥିଲା। ଅବସରପ୍ରାପ୍ତ ମେଡିକାଲ ପ୍ରଫେସର ଡ଼ା. ପି.ସି. ସାହୁ, ବିଶିଷ୍ଟ କ୍ରୀଡ଼ାବିତ ତାରିଣୀ ଚରଣ ସାମନ୍ତରା, ବଳରାମ ପଣ୍ଡା, ପବନା ପଣ୍ଡା ଓ ଅନ୍ୟମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ବୃନ୍ଦାବନ ନାୟକ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ବହୁବାର ବିଧାୟକ ହୋଇଥିଲେ । ବିଭିନ୍ନ ସମୟରେ ସେ ମନ୍ତ୍ରୀ, ବିଧାନସଭା ବିରୋଧୀ ଦଳ ନେତା ହୋଇଥିଲେ। ବ୍ରହ୍ମପୁରର ପୂର୍ବ ପୌର ପରିଷଦର ଏକାଧିକଥର ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଶାସନ କାଳରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲାରେ ଅନେକ ଉନ୍ନୟନମୂଳକ ଯୋଜନା ହୋଇଥିଲା ।

## କାର୍ତ୍ତିକ ପ୍ରଥମ ସୋମବାର: ଶୈବପୀଠରେ ଭିଡ



ଗୋକର୍ଣ୍ଣେଶ୍ୱର ମନ୍ଦିରରେ ପୂଜା ଚାଲିଛି ।



ଭକ୍ତଙ୍କ ପ୍ରବଳ ଭିଡ଼ ।



ବଟବୃକ୍ଷକୁ ପୂଜାର୍ଚ୍ଚନା କରୁଛନ୍ତି ଦୁଇ ତରୁଣୀ ।

(ଫଟୋ-ସମୀର)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଅକ୍ଟୋବର ୧୫/୨୦୧୯ Berhampur, Tuesday, October 15/ 2019




# ଅଧିକାରୀଙ୍କ ଅନୁପସ୍ଥିତି ନେଇ ଏନ୍‌ଏସି କାର୍ଯ୍ୟାଳୟରେ ତାଲା

## ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**ବାଲିଗୁଡ଼ା,୧୪।୧୦(ଡି.ଏନ୍.ଏ.)**

ବାଲିଗୁଡ଼ା ଏନ୍‌ଏସିରେ କର୍ମଚାରୀଙ୍କ ଅନୁପସ୍ଥିତି ନେଇ ସୋମବାର କାଉନ୍‌ସିଲରମାନେ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ବିଭିନ୍ନ କାର୍ଯ୍ୟନେଇ ଲୋକମାନେ ଏନ୍‌ଏସିକୁ ଆସୁଥିଲେ। କିନ୍ତୁ ସେଠାରେ ନିୟମିତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରେ ରହୁନଥିବାରୁ ଲୋକଙ୍କ କାର୍ଯ୍ୟରେ ଅସୁବିଧା ହେଉଥିଲା। ସୋମବାର ମଧ୍ୟ ଏନ୍‌ଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ହିସାବରକ୍ଷକ ଦେବାଶିଷ ମହାନ୍ତି, କର୍ମଚାରୀ ଜୀବନ ଜ୍ୟୋତି ପାତ୍ର, ମୁକେଶ ନାୟକ ପ୍ରମୁଖଙ୍କୁ କାର୍ଯ୍ୟାଳୟରେ ଦେଖିବାକୁ ମିଳିନଥିଲା। ତେଣୁ ଅତିଷ୍ଠ ହୋଇ ୧୦ନଂ. କାଉନ୍‌ସିଲର ବରଦା ପ୍ରସନ୍ନ ମିଶ୍ର ଓ ନାରାୟଣ ଡାକୁଆ,୧୩ନଂ. କାଉନସିଲର ଜୟନ୍ତୀ ଜେନା ଅପରାହ୍ନରେ ଏନ୍‌ଏସି କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସମସ୍ୟାର ସମାଧାନ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ଯାଏ ତାଲା ପଡିବ ଏବଂ ଗ୍ରାମବାସୀଙ୍କ ସମେତ ସମସ୍ତ କାଉନ୍‌ସିଲର ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ୩ କାଉନ୍‌ସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବଙ୍କୁ ଯୋଗାଯୋଗ କରିଥିଲେ, କିନ୍ତୁ ସେ ବାଲିଗୁଡ଼ାରେ ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।


କାଉନ୍‌ସିଲରମାନେ ତାଲା ପକାଉଛନ୍ତି।

# ୩ ବଖରା ଭସ୍ମୀଭୂତ

**ଖଲ୍ଲିକୋଟ,୧୪।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ମାଣିକ୍ୟପୁର ପଞ୍ଚାୟତ ମାଟିଆ ସାହିରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ଭସ୍ମୀଭୂତ ହୋଇଯାଇଛି । ଗ୍ରାମର ବାଉରି ପ୍ରଧାନ, ଜଗନ୍ନାଥ ପ୍ରଧାନ ଓ ସଙ୍କୁଳି ପ୍ରଧାନଙ୍କ ଘର ଜଳିଯାଇଛି। ନିଆଁ କିଭଳି ଲାଗିଲା ତାହା ଜଣାପଡ଼ିନାହିଁ। ଏହି ୩ ପରିବାରର ଚାଳଘର ସହ ଧାନ, ଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଖବର ପାଇ ଖଲ୍ଲିକୋଟ ଦମକଳ ବାହିନୀ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୋମବାର ସ୍ଥାନୀୟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ କନ୍ହେଇପୁର ଆରଆଇ ପଲିଥିନ ଓ କିଛି ବ୍ୟବହାରିକ ସାମଗ୍ରୀ ଯୋଗାଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ଜନ ପ୍ରତିନିଧି ବିପନ୍ନଙ୍କ ପାଖରେ ପହଞ୍ଚି ନଥିବା ବିପନ୍ନମାନେ କହିଛନ୍ତି । ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ହେବାରୁ ବିପନ୍ନ ପରିବାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

# ଜୁଆ ଆଡ୍ଡାରୁ ୩ ଗିରଫ

**ଆସିକା,୧୪।୧୦(ଡି.ଏନ୍.ଏ.):**

ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଗ୍ରାମରେ ଚାଲିଥିବା ଏକ ଜୁଆଖେଳ ଉପରେ ରବିବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ସେଠାରୁ ୨୮,୩୭୦ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୧୮୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ